# ଓଡ଼ିଆଭାଷା ଶାସ୍ତ୍ରୀୟମାନ୍ୟତା ପାଇବା ପରେ

**ବୀରେନ୍ଦ୍ର ନାୟକ**

ଓଡ଼ିଆଭାଷା ଶାସ୍ତ୍ରୀୟମାନ୍ୟତା ହାସଲ କରିବାର ଘୋଷଣା ହେଲା ୨୦ଫେବୃଆରୀ ୨୦୧୪ ଦିନ । ୧୧ ମାର୍ଚ୍ଚକୁ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ଭାବେ ପାଳନ କରିବା ଆରମ୍ଭ ହେଲା । ଏହା ଭିତରେ ଗଠନ ହୋଇଛି 'ଶାସ୍ତ୍ରୀୟ ଓଡ଼ିଆ ଭାଷା କ୍ରିୟାନୁଷ୍ଠାନ କମିଟି' ଯାହା ୧୧ ମାର୍ଚ୍ଚ ୨୦୧୮ରେ ପାଳନ କରିଛି ପଂଚମ ବାର୍ଷିକ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' (ଦ୍ରଷ୍ଟବ୍ୟ ସମ୍ବାଦ ୧୨ମାର୍ଚ୍ଚ ୨୦୧୮)। ଏହି ସମାରୋହକୁ ଉଦଘାଟନ୍ କରି ଯେଉଁ ଦୁଇଟି ପ୍ରସ୍ତାବ ଜ୍ଞାନପୀଠ ପୁରସ୍କାର ବିଜେତା ପୂର୍ବତନ କେନ୍ଦ୍ର ସଂସ୍କୃତି ସଚିବ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର ମହୋଦୟ ଦେଇଛନ୍ତି ତାହା ଓଡ଼ିଆ ବିଶ୍ୱବିଦ୍ୟାଳୟ ସମ୍ପର୍କିତ । ତାଙ୍କର ପ୍ରଥମ ପ୍ରସ୍ତାବ ହେଉଛି ଯେ ଓଡ଼ିଆ ବିଶ୍ୱବିଦ୍ୟାଳୟଟିକୁ ସାରଳା ଦାସଙ୍କ ନାମରେ ନାମିତ କରାଯାଉ ଓ ଦ୍ୱିତୀୟ ପ୍ରସ୍ତାବ ହେଉଛି ଯେ ଏହାର ପ୍ରଥମ କୁଳପତି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ପ୍ରଥମ କୁଳସଚିବ ଭାବେ ସୁବ୍ରତ ପୃଷ୍ଟିଙ୍କୁ ନିଯୁକ୍ତି ଦିଆଯାଉ । ଉଲ୍ଲେଖଯୋଗ୍ୟ ଯେ ଏହି ସମାରୋହରେ ଉଭୟ ପଟ୍ଟନାୟକ ଓ ପୃଷ୍ଟି ମହୋଦୟ ମଂଚାସୀନ ଥିଲେ । ଅବଶ୍ୟ କୁଳପତି ହେବାର ପ୍ରସ୍ତାବକୁ ଦେବୀବାବୁ ସମର୍ଥନ କରୁନାହାନ୍ତି ବୋଲି ହାତ ହଲାଇ ଇଂଗିତ କରୁଥିଲେ ।(ଦ୍ରଷ୍ଟବ୍ୟ ସମ୍ବାଦ ୧୨ମାର୍ଚ୍ଚ ୨୦୧୮) ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ମାନଙ୍କରେ କୁଳପତିଙ୍କର ବୟସସୀମା ସର୍ବାଧିକ ୬୫ ବର୍ଷରେ ସୀମିତ ଥିବାବେଳେ ଅଶିତିପର ଦେବୀବାବୁ କିପରି ଏ ପ୍ରସ୍ତାବକୁ ସମର୍ଥନ କରନ୍ତେ? କିନ୍ତୁ ବିଶ୍ୱବିଦ୍ୟାଳୟ କୁଳପତି ଚୟନ କମିଟିମାନଙ୍କରେ ଅନେକ ସମୟରେ ଅଧକ୍ଷତା କରିଥିବା ସୀତାକାନ୍ତବାବୁ, ଜଣେ ପୋଖତ ପ୍ରଶାସକ ହୋଇଥିବାବେଳେ ଏହି ସମୟ ସୀମାକୁ କିପରି ପାଶୋର ହୋଇଗଲେ? କୁଳସଚିବ ନିଯୁକ୍ତି ସମ୍ପର୍କରେ ଏହା ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କରେ ଯେଉଁମାନଙ୍କୁ ସରକାର କୁଳସଚିବ ଭାବେ ନିଯୁକ୍ତି ଦେଉଛନ୍ତି, ସେମାନେ ସାଧାରଣତଃ ସରକାରୀ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବା ଓଡ଼ିଶା ସରକାରଙ୍କର ପ୍ରଶାସନିକ ସେବାର ଜଣେ ବରିଷ୍ଠ ସଦସ୍ୟ ହୋଇଥାନ୍ତି । ଏହା ସତ୍ୟ ଯେ ପ୍ରଥମରୁ ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱବିଦ୍ୟାଳୟ ଦାବି ଅଭିଯାନରେ ଆଗଧାଡ଼ିରେ ଥିଲେ ଦେବୀବାବୁ ଓ ତାଙ୍କ ସହଯୋଗୀ ସୁବ୍ରତ ପୃଷ୍ଟି । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଉ ପାଉ ସେମାନଙ୍କର କ୍ରିୟାନୁଷ୍ଠାନ କମିଟି ଓଡ଼ିଆ ବିଶ୍ୱବିଦ୍ୟାଳୟ ଦାବିରେ ମୁଖର ହୋଇ ଉଠିଥିଲା[୧] । ଏହା ତ ଭିନ୍ନ କଥା ଯେ ଯେତେବେଳେ ଏକ ସ୍ୱତନ୍ତ୍ର ଓଡ଼ିଆ ବିଶ୍ୱବିଦ୍ୟାଳୟର ଦାବିରେ କ୍ରିୟାନୁଷ୍ଠାନ କମିଟି ମୁଖର ହେଉଥିଲା ସେତେବେଳେ ପ୍ରକାଶ ପାଉଥିଲା ସମ୍ବାଦ ଯେ କିପରି ଓଡ଼ିଶାର ମହାବିଦ୍ୟାଳୟମାନଙ୍କରେ ଶତକଡା ୭୦ଭାଗ ଓଡ଼ିଆ ଅଧ୍ୟାପକ ପଦବୀ ଖାଲି ପଡିଛି ଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଛି[୨]। ତେଣୁ ଯେତେବେଳେ ସରକାର ଏହି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଘୋଷଣା କଲେ ଓ ଏଥିପାଇଁ ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱବିଦ୍ୟାଳୟ ଆଇନ ବିଧାନସଭାରେ ଗୃହୀତ ହୋଇଗଲା[୩] (୧୪ସେପ୍ଟେମ୍ବର ୨୦୧୭, ଗୁରୁବାର),ସେତେବେଳେ ସୀତାକାନ୍ତ ବାବୁ ବୋଧହୁଏ ଏହି ସଫଳତାର ଶ୍ରେୟ ପଟ୍ଟନାୟକ ଓ ପୃଷ୍ଟିଙ୍କୁ ଦେବାକୁ ଯାଇ ଏହିପରି ପ୍ରସ୍ତାବ ଅକୁ ିତ ଦେଉଥିଲେ । ତେବେ ଯାହାହେଉ ଏତଦ୍ ଦ୍ୱାରା ଓଡିଆ ବିଶ୍ୱବିଦ୍ୟାଳୟରେ କୁଳପତି ଓ କୁଳସଚିବ ପଦରେ ନିଯୁକ୍ତିକୁ ନେଇ କଳ୍ପନା ଜଳ୍ପନାର ନିଅଁ ପଡିଲା, ଆଗାମୀ ଦିନରେ ଏହି ପ୍ରସଙ୍ଗରେ, ବେଶ୍ ରୋଚକ ସମ୍ବାଦମାନ ଆମର ଶୃତିଗୋଚର ହେବ, ଏହା ନିଶ୍ଚିତ । ଓଡ଼ିଆ ବିଶ୍ୱବିଦ୍ୟାଳୟ ଅସ୍ଥାୟୀ ଭାବେ ଭୁବନେଶ୍ୱରର ସତ୍ୟନଗରସ୍ଥିତ ତୋଷାଳୀ ଭବନରେ ଆରମ୍ଭ ହେବ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସ୍ଥାୟୀ କ୍ୟାମ୍ପସ ପାଇଁ ୫୦ଏକର ଜମି ଚିହ୍ନଟ କରିବ ବୋଲି ସମ୍ବାଦ[୪] । ସେପ୍ଟେମ୍ବର ୨୦୧୭ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ ପାରିତ ହେବା ଓ ମାତ୍ର ୬ମାସ ଭିତରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ ପାଇ ପରିସର ଉପଲବ୍ଧ କରାଯିବା ଓ ତତ୍‌ସହିତ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ ପଦବୀ ପାଇଁ ଉଦ୍ୟମ କରିବାର ବେସରକାରୀ ଆହ୍ୱାନ ପ୍ରତିଧ୍ୱନିତ ହେବା ଦର୍ଶାଏ ଯେ ସରକାରଙ୍କ ସମେତ ବିଶ୍ୱବିଦ୍ୟାଳୟର ବେସରକାରୀ ପୃଷ୍ଟପୋଷକଗଣ ମଧ୍ୟ ବେଶ୍ ସକ୍ରିୟ ହୋଇଉଠିଛନ୍ତି । ଏହାଛଡ଼ା ରାଜ୍ୟ ବାହାରେ କେତୋଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଓଡ଼ିଆଭାଷାରେ ପ୍ରଫେସର ପଦବୀ ସୃଷ୍ଟି କରାଯାଇଛି । ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ

ତ ନିଯୁକ୍ତି ମଧ୍ୟ ହୋଇସାରିଛି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସହ ଓଡ଼ିଶା ସରକାର ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ଓ ଗୁଜରାଟର ଗାନ୍ଧୀନଗର ବିଶ୍ୱବିଦ୍ୟାଳୟରେ ମଧ୍ୟ ଓଡ଼ିଆ ପ୍ରଫେସର ପଦବୀ ସୃଷ୍ଟି ହେବାର ପ୍ରସ୍ତାବ ରହିଛି । ଏହି ବିଶ୍ୱବିଦ୍ୟାଳୟମାନଙ୍କରେ କୌଣସି ଓଡ଼ିଆ ବିଭାଗ ନଥିବାବେଳେ, କେତେଦୂର ଓଡିଆ ଭାଷାର ଶାସ୍ତ୍ରୀୟତା ଉପରେ ଅଧ୍ୟୟନ ଓ ଗବେଷଣା ଏହି ସବୁ କେନ୍ଦ୍ରରେ ହେବ ତାହାତ ଆଗାମୀ ଦିନରେ ଜଣାପଡ଼ିବ । କିନ୍ତୁ ଏକ ନୈରାଶ୍ୟଜନକ ସମ୍ବାଦ ଇତ୍ୟବସରରେ ଦୃଷ୍ଟିକୁ ଆସିଛି ଯେ ଓଡ଼ିଶାରୁ କେହି ଗବେଷକ ଶାସ୍ତ୍ରୀୟ ଓଡ଼ିଆଭାଷାରେ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇନାହାନ୍ତି । ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏହି ପୁରସ୍କାର ପାଇଁ ୨୦୧୬ରେ ଯେଉଁ ମନୋନୟନ (Nomination) ଆହ୍ୱାନ କରିଥିଲେ, ତାହାର ଉ  ରରେ ମାତ୍ର ତିନୋଟି ଆବେଦନ ଆସିଥିଲା । ବିଶେଷଜ୍ଞ କମିଟି ଏହି ତିନୋଟିକୁ ବିଚାର କରି ଦେଖିଲେ ଯେ ଗୋଟିଏ ଆବେଦନ ଅସମ୍ପୂର୍ଣ୍ଣ ଥିବା ବେଳେ, ଅନ୍ୟଜଣଙ୍କ କ୍ଷେତ୍ରରେ ବୟସ ସୀମାର ସ ୍ ପୂରଣ ହେଉନାହିଁ ଓ ତୃତୀୟ ଜଣଙ୍କର ଭାଷାର ଶାସ୍ତ୍ରୀୟତା କ୍ଷେତ୍ରରେ କୌଣସି ଗବେଷଣା ନାହିଁ । ଉଲ୍ଲିଖିତ ରାଷ୍ଟ୍ରପତି ପୁରସ୍କାର ଭାଷାର ଶାସ୍ତ୍ରୀୟତାରେ ଗବେଷଣାରତ ଗବେଷକମାନଙ୍କ ପାଇଁ ଉଦ୍ଦିଷ୍ଟ । ପ୍ରଥମେ ଏହା ତାମିଲ ଓ ସଂସ୍କୃତ ପାଇଁ ଆରମ୍ଭ ହୋଇଥିଲା ଓ ପରେ ଏହା ଭିତରେ ଓଡ଼ିଆ, କନ୍ନଡ, ମାଲାୟଲମ ଓ ତେଲୁଗୁ ଭାଷାକୁ ଅନ୍ତର୍ଭୁକ୍ତ କରାଯାଇଥିଲା୪ । ତେବେ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାପରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗକୁ ପର୍ଯ୍ୟଟନଠାରୁ ଅଲଗା କରି ଏହାକୁ ଏକ ସ୍ୱତନ୍ତ୍ର ବିଭାଗରେ ପରିଣତ କରିବା ଓ ଏହି ନୂତନ ବିଭାଗର ନାଁ "ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି" ବିଭାଗ ରଖିବା ଏକ ସ୍ୱାଗତଯୋଗ୍ୟ ନିଷ୍ପ ି ଓ ଏହା ସହିତ ସବୁ ବ୍ୟବସାୟିକ ପ୍ରତିଷ୍ଠାନର ସାଇନବୋର୍ଡ ଓଡ଼ିଆରେ ଲେଖାହେବାକୁ ବାଧ୍ୟତାମୂଳକ କରିବା ଓ ସରକାରୀ କାର୍ଯ୍ୟରେ ଓଡିଆ ବ୍ୟବହାର କରୁଥିବା କର୍ମଚାରୀଙ୍କୁ ଇନସେ ିଭ ବା ପ୍ରୋତ୍ସାହନ ରାଶି ଦେବା ଓ ଯେଉଁମାନେ ବ୍ୟବହାର କରିବେ ନାହିଁ ତାଙ୍କ ପାଇଁ ଦଣ୍ଡ ବିଧାନ କରିବାର ନିଷ୍ପ ି୬ ସେମାନଙ୍କୁ ନିଶ୍ଚିତ ଆନନ୍ଦିତ କରିବ ଯେଉଁମାନେ ଏହା ଦାବି କରି ଦୀର୍ଘଦିନ ଧରି ପଟୁଆର ବାହାର କରୁଥିଲେ । କହିବା ବାହୁଲ୍ୟ ଯେ ଓଡ଼ିଆ କହିପାରୁ ନାହାନ୍ତି ବୋଲି ଅପବାଦର ଶରବ୍ୟ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ କାଳରେ ହିଁ ଓଡ଼ିଆ ଭାଷା ସମ୍ପର୍କିତ ନିଷ୍ପ ି ଓଡିଆ ଭାଷାର ମର୍ଯ୍ୟାଦା ପାଇଁ ଆନ୍ଦୋଳନ କରୁଥିବା ସଂଗ୍ରାମୀମାନଙ୍କୁ ପ୍ରାୟ ନିରସ୍ତ୍ର କରି ଦେଇଛନ୍ତି । ଭାଷା ରାଜନୀତିରେ ନବୀନ ପଟ୍ଟନାୟକଙ୍କର ବିଜୟ ହୋଇଛି । ଭାଷା ଅନ୍ଦୋଳନରେ ସକ୍ରିୟ ସମ୍ବାଦ ସମ୍ପାଦକ ସୌମ୍ୟରଂଜନ ପଟ୍ଟନାୟକ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ଓ ରାଜ୍ୟସଭା ସଦସ୍ୟତା ଦ୍ୱାରା ପୁରସ୍କୃତ ହୋଇଛନ୍ତି ।

କିନ୍ତୁ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ଏକ ଦୁର୍ଭାଗ୍ୟଜନକ ପରିଣତି ହେଉଛି ଓଡ଼ିଆ ଭାଷାର ପରିଚିତି ଓ ମର୍ଯ୍ୟାଦା ପାଇଁ ଅ  । ଭିଡିଥିବା ଦୁଇ ବହୁ ପ୍ରଚାରିତ ବ୍ୟକ୍ତି ଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଶ୍ରୀ ସୁଭାଷ ପଟ୍ଟନାୟକଙ୍କ ମଧ୍ୟରେ ବିବାଦ । ଓଡ଼ିଆଭାଷାର ସ୍ୱାର୍ଥରେ ଭୁବନେଶ୍ୱର ରାଜରାସ୍ତାରେ ଦୈନିକ ଦୃଶ୍ୟମାନ  କଳାପତାକା ପଟୁଆରର ସୁପରିଚିତ ଚେହେରା ହେଉଛନ୍ତି ସୁଭାଷ ପଟ୍ଟନାୟକ । ଏହି ଦୁଇ ବ୍ୟକ୍ତି ପରସ୍ପରକୁ ଭାଷା ବେପାରୀ ବୋଲି ଆକ୍ଷେପ କରନ୍ତି । ଦେବୀ ବାବୁ ସର୍ବସାଧାରଣଙ୍କ ମଧ୍ୟରେ ବିତରିତ ଏକ ଖୋଲା ପତ୍ରରେ ଲେଖନ୍ତି, "ସୁଭାଷ ମୋତେ ଭାଷାବେପାରୀ ବୋଲି କହିଛନ୍ତି । ସିଏ ନିଜ ମାପରେ ପୃଥିବୀକୁ ମାପୁଛନ୍ତି ।  ସିଏ କଳାପତାକା ଆନ୍ଦୋଳନ ପାଇଁ କାହାଠାରୁ କେତେ ଟଙ୍କା ନେଇଛନ୍ତି, ସେକଥା ମୁଁ ପଚାରୁ ନାହିଁ । କିନ୍ତୁ ସେ କଳାପତାକା ଆନ୍ଦୋଳନପାଇଁ ଯେଉଁ ପାଂଚଶହ ଟଙ୍କିଆ ବହି ଛପେଇଛନ୍ତି, ତହିଁରେ କେତେ ଲକ୍ଷ ଟଙ୍କାର ବିଜ୍ଞାପନ ହାତେଇଛନ୍ତି ? ଏଥିରୁ ଭାଷାକୁ ନେଇ ବେପାର କରୁଛନ୍ତି କିଏ ପରିଷ୍କାର ହୋଇଯିବ ।" ତେବେ ବିବାଦର ମୂଳରେ ରହିଛି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ଶ୍ରେୟ କାହାକୁ ଯିବ । ଦେବୀ ବାବୁଙ୍କୁ ନା ଆଉ କାହାକୁ ? ବିବାଦ ଏପରି ସ୍ତରକୁ ଯାଇଛି ଯେ ଦେବୀ ବାବୁଙ୍କ ନାଁରେ କରାଯାଇଛି ଦଲିଲ ଚୋରିର ଅଭିଯୋଗ ଓ ଉଠିଛି 'ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ବିରୁଦ୍ଧରେ ସରକାରୀ ଦଲିଲ ଚୋରିପାଇଁ ସିବିଆଇ ତଦନ୍ତ ଦାବି' । ଭାଷାବିଦ୍ ଦେବୀ ବାବୁ ଏହି ବିବାଦରେ ସୁଭାଷଙ୍କ ଦ୍ୱାରା ତାଙ୍କ ପ୍ରତି ପ୍ରୟୋଗ ଭାଷାରେ ଅଶ୍ଳୀଳତା ଓ ବ୍ୟକ୍ତିଗତ ଗାଳି ଥିବାର ଅଭିଯୋଗ କରନ୍ତି ଓ ତାଙ୍କୁ ଆହ୍ୱାନ ଦିଅନ୍ତି ଯେ "ସେ ଅଭଦ୍ର ଓ ଅଶ୍ଳୀଳ ଭାଷା ପ୍ରୟୋଗ କରି ମୋ ବିରୁଦ୍ଧରେ ଯେଉଁ ମିଛ ଅଭିଯୋଗ ବାରମ୍ବାର ପ୍ରଚାର କରୁଛନ୍ତି, ତାହା ବନ୍ଦ କରନ୍ତୁ । ସେଥିପାଇଁ ନିଃସ ୍ ଭୁଲ ମାନନ୍ତୁ ଓ କ୍ଷମାମାଗନ୍ତୁ ।" ଅପରପକ୍ଷରେ ସେ ବିଭିନ୍ନ ଦୃଷ୍ଟାନ୍ତ ଦେଇ ଦର୍ଶାଇବାକୁ ଚେଷ୍ଟା କରନ୍ତି ଯେ, "ଯେଉଁ ସରକାରୀ ଦଲିଲଟି ମୁଁ ଚୋରି କରି ରାମଚନ୍ଦ୍ର ଖୁ ିଆଙ୍କୁ ବିକିଥିବା ଅଭିଯୋଗ ହୋଇଛି କିମ୍ବା ରାମଚନ୍ଦ୍ର ଖୁ ିଆଙ୍କ କମିଟିର ବହି ସରକାରଙ୍କୁ ଦେଇ ଭାଷାବେପାର କରିଥିବା ଅଭିଯୋଗ କରାଯାଇଛି, ସେହି ଉଭୟ ଦଲିଲ ମୋର ତ ୍ୱାବଧାନରେ ପ୍ରସ୍ତୁତ ହୋଇଥିବା ଉଭୟ ରାମଚନ୍ଦ୍ର ଖୁଂଟିଆ ଏବଂ ଓଡ଼ିଶା ସରକାର ସ୍ୱୀକାର କରିଛନ୍ତି ।" ଆହୁରି ମଧ୍ୟ ସେ ଦର୍ଶାନ୍ତି କିପରି ଓଡ଼ିଶା ସରକାର ସ୍ୱୀକାର କରିଛନ୍ତି ତାଙ୍କର

ଅବଦାନକୁ ଓ ଉଦ୍ଧାର କରନ୍ତି ସେହି ଦଲିଲର ମୁଖବନ୍ଧରେ ଭାଷା ପ୍ରତିଷ୍ଠାନର ସେତେବେଳର ନିର୍ଦ୍ଦେଶକ ଏବଂ କମିଟିର ଯୁଗ୍ମ ଆବାହକ ଡ. ପ୍ରସନ୍ନକୁମାର ମହାନ୍ତି ଓ ସଂସ୍କୃତି ବିଭାଗର ଡେପୁଟି ସେକ୍ରେଟେରୀ ଶ୍ରୀ ବିଜୟ ନାୟକ ଲେଖିଥିବା ଯେ "The document on the classical status of Odia language evolved from a base paper prepared by Dr DP Pattanayak and his associate Sri Subrat Kumar Prusty, under the aegies of Institute of Odia Studies and Research."। ପ୍ରକାରାନ୍ତରେ ଦେବୀବାବୁ ଯେପରି ଚେତାବନୀ ଦେଉଛନ୍ତି ଯେ ଓଡିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବାର ଶ୍ରେୟରୁ ତାଙ୍କୁ ବଂଚିତ କରାଯିବାର କୌଣସି ଉଦ୍ୟମକୁ ସେ ସଫଳ ହେବାକୁ ଦେବେ ନାହିଁ । ଓଡିଆଭାଷାର ଶାସ୍ତ୍ରୀୟତା ପ୍ରତିପାଦିତ ହେବା ପରେ ଏହାକୁ କେନ୍ଦ୍ର କରି ବିବାଦରେ ଯଦି ଅଶ୍ଳୀଳ ବା ଅଭଦ୍ର ଭାଷାର ପ୍ରୟୋଗ ହୁଏ ଓ ତାହା ପୁଣି ଓଡ଼ିଆ ଭାଷାର ଦୁଇ ଜାଗ୍ରତ ପ୍ରହରୀଙ୍କ ମଧ୍ୟରେ, ତାହାହେଲେ ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ? ଇତିହାସରେ ରହିବା ପାଇଁ ବାଡ଼େଇ କଚାଡ଼ି ହେବା ବା ଇତିହାସରୁ ପୋଛିଦେବା ପାଇଁ ବାଡ଼େଇ କଚାଡ଼ି ହେବା ଉଭୟ ହାସ୍ୟାସ୍ପଦ ଦୃଶ୍ୟ । ଇତିହାସ ସେହିମାନଙ୍କୁ ହିଁ ମନେ ରଖିବ ଯେଉଁମାନେ ନିଷ୍ଠାପର ଭାବେ ଓ ନିଃସ୍ୱାର୍ଥପର ଭାବେ ଓଡ଼ିଆ ଭାଷାର ମର୍ଯ୍ୟାଦା ପାଇଁ ଉଦ୍ୟମ କରୁଛନ୍ତି । ଏହା ବୋଧହୁଏ ଓଡିଆ ଭାଷାର ଦୁର୍ଭାଗ୍ୟ ଯେ ସେ ଆଜି ରାଜନୀତି ଓ ବେପାରର ଆୟୁଧ ହୋଇଛି, ମହ ୍ୱାକାଂକ୍ଷା ପୂରଣ ପାଇଁ ଏକ ସୁଯୋଗ ଭାବେ ଅଗ୍ରାଧିକାର ପାଉଛି ବୋଲି ସର୍ବସାଧାରଣରେ ଧାରଣା ବ୍ୟାପକ ହେଉଛି ।

<u>ବ୍ୟବହୃତ ଉପାଦାନ ସୂଚୀ</u>

୧.Demand for Odia varsity and research centre ,Timesof India ,TNN | Feb 23, 2014, 03.11 PM IST ,https://timesofindia.indiatimes.com/city/bhubaneswar/Demand-for-Odia-varsity-and-research-ce..1 of 2 3/20/2018 6:29 P ;Language body demands Odia university in state ,TNN | Mar 12, 2016, 11.00 AM IS ,https://timesofindia.indiatimes.com/city/bhubaneswar/Language-body-demands-Odia-university-

୨.Not enough Odia teachers in varsities , By Team Edex | Express News Service | Published: 26th December 2016 06:00 AM | ,http://www.newindianexpress.com/education/edex/2016/dec/26/not-enough-odia-teachers-in-var..

୩.Odia university Bill approved by Assembly By Express News Service | Published: 15th September 2017

୪.Varsity at Toshali Bhavan ,Our Correspondent | Mar 13, 2018 00:00 IS ,ttps://www.telegraphindia.com/states/odisha/varsity-at-toshali-bhavan-2152122 of 3 3/20/

୫.Odia misses language.award, Basant Kumar..Mohanty Jan 20, 2018. , https://www.telegraphindia.com/states/odisha/odia-misses-language- award-202377

୬.Nod for 'heritage cabinet' to promote Odia language ,By Express News Service | Published: 27th December 2017 03:01 AM